ଶେର ସିଂ ଇତ୍ୟାଦି ଇତ୍ୟାଦି

ବନାମ

ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ ଇତ୍ୟାଦି ଇତ୍ୟାଦି

ଜାନୁଆରୀ 8, 1991

[ଏଲ୍. ଏମ୍. ଶର୍ମା ଏବଂ ମଦନ ମୋହନ ପୁଞ୍ଛି, ନ୍ୟାୟମୂର୍ତ୍ତି]

*ଜମି ଅଧିଗ୍ରହଣ ଅଧିନିୟମ, 1894 – ଧାରା 25 – କ୍ଷତିପୂରଣ – ବୃଦ୍ଧି – ଯେତେବେଳେ ସାକ୍ଷ୍ୟ ନଥିରେ ଉପସ୍ଥାପନ କରାଯାଏ ନାହିଁ ସେତେବେଳେ ଅନୁମତି ପ୍ରାପ୍ତ ନୁହେଁ ।*

**ଆବେଦନକାରୀମାନେ ଦାବିଦାର-ଜମି ମାଲିକ ଥିଲେ, ଯାହାଙ୍କ ଜମି ଏକ ଆବାସିକ ତଥା ବାଣିଜ୍ୟିକ ପରିସର ପ୍ରତିଷ୍ଠା ପାଇଁ ଅଧିଗ୍ରହଣ କରାଯାଇଥିଲା । ଜମି ଅଧିଗ୍ରହଣ ଅଧିକାରୀ ଏହି ଜମିକୁ ତିନି ଭାଗରେ ବିଭକ୍ତ କରି 'A' ବ୍ଲକ ପାଇଁ ପ୍ରତି ବର୍ଗ ଗଜ ପିଛା 4.13 ଟଙ୍କା; ବ୍ଲକ 'B' ପାଇଁ ପ୍ରତି ବର୍ଗ ଗଜ ପିଛା 2.43 ଟଙ୍କା ଏବଂ ବ୍ଲକ 'C' ପାଇଁ ପ୍ରତି ବର୍ଗ ଗଜ ପିଛା 1. 65 ଟଙ୍କା ହାରରେ କ୍ଷତିପୂରଣ ପ୍ରଦାନ କରିଥିଲେ ।**

**ପ୍ରଥମ ଆବେଦନରେ ଉଚ୍ଚ ନ୍ୟାୟାଳୟକୁ କ୍ଷେତ୍ରିକରଣ 'A' ଏବଂ 'B' ମଧ୍ୟରେ ସୀମିତ ରଖିବାକୁ ପ୍ରବର୍ତ୍ତାଯାଇଥିଲା । ଉଚ୍ଚ ନ୍ୟାୟାଳୟ କ୍ଷେତ୍ର 'A' ପାଇଁ ପ୍ରତି ବର୍ଗ ଗଜ ପିଛା 23 ଟଙ୍କା ଏବଂ କ୍ଷେତ୍ର 'B' ପାଇଁ ପ୍ରତି ବର୍ଗ ଗଜ ପିଛା 16 ଟଙ୍କା ହାରରେ କ୍ଷତିପୂରଣ ସ୍ଥିର କରିଥିଲେ ।**

**ସ୍ୱତନ୍ତ୍ର ଅନୁମତି ଦ୍ୱାରା ଦାବିଦାରମାନେ ବୃଦ୍ଧି ପାଇଁ ଏହି ଯୁକ୍ତି କରି ବର୍ତ୍ତମାନର ଆବେଦନ ଦାଖଲ କରିଥିଲେ ଯେ, ଅଧିଗ୍ରହଣ ହୋଇଥିବା ଜମି ଜି. ଟି. ମାର୍ଗର ପାର୍ଶ୍ୱରେ ପାଖାପାଖି 3 କିଲୋମିଟର ଲମ୍ବ ବିଶିଷ୍ଟ ଅବସ୍ଥିତ ଏକ ବୃହତ ଅଞ୍ଚଳକୁ ନେଇ ଗଠିତ, ଯେଉଁ ରାସ୍ତାର ଅପର ପାର୍ଶ୍ୱରେ ରେଳ ଲାଇନ ଥିଲା; ଯେ ବିଭକ୍ତିକରଣ ଏକ ଅନିୟମିତ ଉପାୟରେ କରାଯାଇଥିଲା; ଯେ ଜମି ନିର୍ମାଣ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଇଥିବାରୁ, କୃଷି ଜମି ଭାବରେ ଏହାର ଗୁଣବତ୍ତା ବିଚାର କରାଯିବା ଉଚିତ ନୁହେଁ; ଏବଂ କ୍ଷତିପୂରଣ ସମାନ ଭାବରେ ମୂଲ୍ୟାଙ୍କନ କରାଯିବା ଉଚିତ ।**

**ଆବେଦନଗୁଡ଼ିକୁ ଖାରଜ କରି, ଏହି ନ୍ୟାୟାଳୟ,**

ଦର୍ଶାଇଛନ୍ତି : 1. ପ୍ରତି ବର୍ଗ ଗଜ ପିଛା 42 ଟଙ୍କା ହାର ଏହି ଆଧାରରେ ଦାବି କରାଯାଇଥିଲା ଯେ, ପ୍ରାୟ 125 ବର୍ଗ ଗଜ ମାପର ଜମିର ଏକ ଅଂଶ, ଯାହା ଅଧିଗ୍ରହଣ ହୋଇଥିବା ଜମିର କିଛି ଅଂଶ ଥିଲା, ତାହା ଅଧିଗ୍ରହଣ ପୂର୍ବରୁ, ଜଣେ କ୍ରେତାଙ୍କ ଦ୍ୱାରା ପ୍ରତି ବର୍ଗ ଗଜ ପିଛା 42 ଟଙ୍କା ହାରରେ କିଣାଯାଇଥିଲା ଏବଂ ଏହା ଏକ ସଙ୍କେତ ଥିଲା ଯେ, ଅଧିଗ୍ରହଣ କରାଯାଇଥିବା ଜମିର ମୂଲ୍ୟ ପ୍ରତି ବର୍ଗ ଗଜ ପିଛା 42 ଟଙ୍କା ଥିବ ।

2. ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ଯୁକ୍ତିକୁ ଏହି ଦୁଇଟି ମତ ରଖି ପ୍ରତ୍ୟାଖ୍ୟାନ କରିଥିଲେ ଯେ, ପ୍ରଥମତଃ, ସମ୍ପୃକ୍ତ ଜମି ପରିମାଣ ଦୃଷ୍ଟିରୁ ଛୋଟ ଅଟେ ଏବଂ ଦ୍ୱିତୀୟତଃ, ଜି. ଟି. ମାର୍ଗ ଆଡ଼କୁ ମୁହଁ କରି ଏହା ସମ୍ପୂର୍ଣ୍ଣ ଭାବେ ଏକ ଘର ଏବଂ ଏକ ଗୋଦାମ ସହିତ ନିର୍ମିତ ହୋଇଥିଲା । ଏହି ଯୁକ୍ତି ଯଥାର୍ଥ ଅଟେ ।

3. ଯେଉଁ ରାୟରେ 42 ଟଙ୍କା ଅନ୍ୟ ଏକ ମାମଲାରେ ପ୍ରଦାନ କରାଯାଇଥିଲା, ତାହା ଦାବିଦାରଙ୍କ ଦ୍ୱାରା ନିର୍ଭରଯୋଗ୍ୟ ସାକ୍ଷ୍ୟର ଏକ ଅଂଶ ଭାବରେ ନଥିରେ ଉପସ୍ଥାପନ କରାଯାଇନାହିଁ, ଏବଂ ଅତିରିକ୍ତ ସାକ୍ଷ୍ୟ ଉପସ୍ଥାପନ କରିବା ପାଇଁ କୌଣସି ଅନୁମତି ମଗାଯାଇନାହିଁ । ତେଣୁ ଉକ୍ତ ରାୟକୁ ଏକ ପୂର୍ବ ଦୃଷ୍ଟାନ୍ତ ଭାବରେ ବ୍ୟବହାର କରାଯାଇପାରିବ ନାହିଁ, ଏପରିକି ଏହି ନ୍ୟାୟାଳୟକୁ ଏହି ମତ ଗ୍ରହଣ କରିବାକୁ ପ୍ରବର୍ତ୍ତାଇବା ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ ନାହିଁ ଯେ, ଯଦି ସମାନ ଭାବରେ ନୁହେଁ, ତେବେ ମଧ୍ୟ କ୍ଷେତ୍ର 'A' ପାଇଁ ପ୍ରତି ବର୍ଗ ଗଜ ପିଛା 42 ଟଙ୍କା ହାର ହେବା ଉଚିତ । ଏହି ସମସ୍ତ କାରଣଗୁଡ଼ିକ ସମଷ୍ଟିଗତ ଭାବେ ଏହି ମତ ଆଡ଼କୁ ଅଗ୍ରସର କରେ ଯେ, ଆବେଦନକାରୀଙ୍କ ପାଖରେ ବୃଦ୍ଧି କରିବା ପାଇଁ କୌଣସି ମାମଲା ନାହିଁ, ଏବଂ ଅଧିଗ୍ରହଣ କରାଯାଇଥିବା ଜମି ପାଇଁ ସେମାନଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦିଆଯାଇଛି ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2646-52/1986 ।

ନିୟମିତ ପ୍ରଥମ ଆବେଦନ ସଂଖ୍ୟା 758, 760, 787, 814, 769, 1011 ଏବଂ 789/1979ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 12.10.1981 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଗୋବିନ୍ଦ ମୁଖୋଟି, ଆର୍. ପି. ଭଟ୍ଟ, ଡି. କେ. ଗର୍ଗ, ପ୍ରେମ ମାଲହୋତ୍ରା, କେ. ସି. ଶର୍ମା ଏବଂ ଆର୍. ସି. କୌଶିକ ।

ଉତ୍ତରଦାତାମାନଙ୍କ ପାଇଁ ଏସ୍. ପି. ଗୋୟଲ ଏବଂ ମହାବୀର ସିଂ ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ପୁଞ୍ଛି, ନ୍ୟାୟମୂର୍ତ୍ତି** ଏହି ଆବେଦନର ସମୂହ ଏବଂ ସ୍ୱତନ୍ତ୍ର ଅନୁମତି ଆବେଦନଗୁଡ଼ିକ ଅସନ୍ତୁଷ୍ଟ ଜମି ମାଲିକମାନଙ୍କ ଅନୁରୋଧକ୍ରମେ କରାଯାଇଛି, ଯାହାଙ୍କ ଜମି ହିସାର ସହରରେ ହରିୟାଣା ରାଜ୍ୟ ଦ୍ୱାରା ଏକ ଆବାସିକ ତଥା ବାଣିଜ୍ୟିକ ପରିସର ପ୍ରତିଷ୍ଠା କରିବା ପାଇଁ ବହୁ ପରିମାଣରେ ଅଧିଗ୍ରହଣ କରାଯାଇଥିଲା ।

ଏହି ଜମିର ମୋଟ ପରିମାଣ ପାଖାପାଖି 331 ଏକର ଥିଲା । କ୍ଷତିପୂରଣ ନିର୍ଦ୍ଧାରଣ କରିବା ପାଇଁ ନିଯୁକ୍ତ ହୋଇଥିବା ଜମି ଅଧିଗ୍ରହଣ ଅଧିକାରୀ ଜମିଟିକୁ ତିନି ଭାଗରେ ବିଭକ୍ତ କରି କ୍ଷତିପୂରଣ ବାବଦକୁ ଖଣ୍ଡ 'A' ପାଇଁ ପ୍ରତି ବର୍ଗ ଗଜ ପିଛା 4. 13. ଟଙ୍କା; ଖଣ୍ଡ 'B' ପାଇଁ ପ୍ରତି ବର୍ଗ ଗଜ ପିଛା 2.43 ଟଙ୍କା ଏବଂ ଖଣ୍ଡ 'C' ପାଇଁ ପ୍ରତି ବର୍ଗ ଗଜ ପିଛା 1.65 ଟଙ୍କା ପ୍ରଦାନ କରିଥିଲେ । ଅସନ୍ତୁଷ୍ଟ ଦାବିଦାରମାନେ ଅତିରିକ୍ତ ଜିଲ୍ଲା ବିଚାରପତି, ହିସାରଙ୍କ ପାଖକୁ ସନ୍ଦର୍ଭିତ 31 ଟି ମାମଲା ନେଇଥିଲେ, ଯିଏ ବିଭକ୍ତିକରଣକୁ ବଜାୟ ରଖିଥିଲେ, କିନ୍ତୁ କ୍ଷତିପୂରଣକୁ ଖଣ୍ଡ 'A' ପାଇଁ ପ୍ରତି ବର୍ଗ ଗଜ ପିଛା 10 ଟଙ୍କାକୁ, ଖଣ୍ଡ 'B' ପାଇଁ ପ୍ରତି ବର୍ଗ ଗଜ ପିଛା 6 ଟଙ୍କାକୁ ଏବଂ ଖଣ୍ଡ 'C' ପାଇଁ ପ୍ରତି ବର୍ଗ ଗଜ ପିଛା 4.50 ଟଙ୍କାକୁ ବୃଦ୍ଧି କରିଥିଲେ ।

ଯେତେବେଳେ ଏହି ମାମଲା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ପ୍ରଥମ ଆବେଦନରେ ନିଆଯାଇଥିଲା, ସେତେବେଳେ 'C' କୁ ବାଦ୍ ଦେବାକୁ ଏବଂ ଏହାକୁ 'A' ଏବଂ 'B' ବିଭକ୍ତିକରଣ ମଧ୍ୟରେ ସୀମିତ ରଖିବା ପାଇଁ ପ୍ରବର୍ତ୍ତାଯାଇଥିଲା । କ୍ଷେତ୍ର 'A' ପ୍ରତି ବର୍ଗ ଗଜ ପିଛା 23 ଟଙ୍କା ଏବଂ କ୍ଷେତ୍ର 'B' ପ୍ରତି ବର୍ଗ ଗଜ ପିଛା 16 ଟଙ୍କା ହାରରେ  କ୍ଷତିପୂରଣ ପାଇବା ଉଚିତ ବୋଲି ଉପସଂହାରରେ ପହଞ୍ଚିବା ପାଇଁ ଉଚ୍ଚ ନ୍ୟାୟାଳୟ ସମଗ୍ର ସାକ୍ଷ୍ୟକୁ ସୂକ୍ଷ୍ମତାର ସହ ବିଚାର କରିଥିଲେ । ତଥାପି ସନ୍ତୁଷ୍ଟ ହୋଇନଥିବା ଦାବିଦାର/ଆବେଦନକାରୀମାନେ ଅଧିକ ବୃଦ୍ଧି ପାଇଁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ।

ଆବେଦନକାରୀଙ୍କ ଲକ୍ଷ୍ୟ ହେଉଛି ଯେ, ଏହିପରି କ୍ଷେତ୍ରିକରଣ ବଜାୟ ରହିବା ଉଚିତ ଏବଂ ଜମି ପ୍ରତି ବର୍ଗ ଗଜ ପିଛା 42 ଟଙ୍କା ହାରରେ କ୍ଷତିପୂରଣ ପାଇଁ ସମାନ ଭାବରେ ମୂଲ୍ୟାଙ୍କନ କରାଯିବା ଉଚିତ । ପ୍ରଥମତଃ, ଏହି ତର୍କର ମୂଳଦୁଆ ହେଉଛି ଯେ, ଅଧିଗ୍ରହଣ କରାଯାଇଥିବା ଜମି ଏକ ବୃହତ ଅଞ୍ଚଳକୁ ନେଇ ଗଠିତ, ଯାହା ଦିଲ୍ଲୀରୁ ହିସାର ସହରକୁ ଯାଉଥିବା ଜି. ଟି. ମାର୍ଗ ପାର୍ଶ୍ୱରେ ପାଖାପାଖି 3 କିଲୋମିଟର ଲମ୍ବର ଏକ ଭୂଖଣ୍ଡରେ ଅବସ୍ଥିତ, ଯାହାର ଅନ୍ୟ ପାର୍ଶ୍ୱରେ ରେଳ ଲାଇନ ଥିଲା । ଏହା ମଧ୍ୟ ମନ୍ତବ୍ୟ ଦିଆଯାଇଥିଲା ଯେ, ବିଭକ୍ତିକରଣ ଏକ ଅନିୟମିତ ଉପାୟରେ କରାଯାଇଥିଲା । ଜମିର ପ୍ରକୃତିକୁ ଧ୍ୟାନରେ

ରଖି, ଏହା ଦୃଢୋକ୍ତି କରାଯାଇଥିଲା ଯେ, ଜମି ନିର୍ମାଣ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଇଥିବାରୁ, କୃଷି ଜମି ଭାବରେ ଏହାର ଗୁଣବତ୍ତା ନିମ୍ନ ନ୍ୟାୟାଳୟ ଦ୍ୱାରା ବିଚାର କରାଯିବା ଉଚିତ ନୁହେଁ ଏବଂ କ୍ଷତିପୂରଣ ସ୍ଥାନ ଅନୁଯାୟୀ ସମାନ ଭାବରେ ମୂଲ୍ୟାଙ୍କନ କରାଯିବା ଉଚିତ:ଏହି ଯୁକ୍ତିଗୁଡ଼ିକ ଆମକୁ ଆକୃଷ୍ଟ କରେ ନାହିଁ । ଯଦିଓ ଜମି ଅଧିଗ୍ରହଣ ହେଉଛି ଲକ୍ଷ୍ୟ, ତଥାପି ଜମି ଅଧିକ ଉତ୍ପାଦନକ୍ଷମ ରଖିବା ପାଇଁ ଚାଷୀର ପ୍ରଭାବ କ୍ଷତିପୂରଣ ପ୍ରଦାନ କରିବାରେ ବାଦ୍ ଦିଆଯାଇପାରିବ  ନାହିଁ । ବାସ୍ତବରେ, କ୍ଷେତ୍ରିକରଣ ଜମିର ଗୁଣବତ୍ତା ଉପରେ ଧ୍ୟାନ ଦେଇଛି । ଏହି କାରଣରୁ ଏହା ଯୋଜନାରେ ଏକ ଅନିୟମିତ ରେଖା ପରି ଦେଖାଯାଉଛି । ତର୍କର ଦ୍ୱିତୀୟ ଅଂଶରେ, ଯେ, ଏହା କ୍ଷତିପୂରଣର ସମାନ ହାର ପାଇବା ଉଚିତ, ଆମେ ନଥିରେ କୌଣସି ସହାୟକ ତଥ୍ୟ ପାଇ ନାହୁଁ ଏବଂ ଆମ ସମ୍ମୁଖରେ କୌଣସି ତଥ୍ୟ ଉପସ୍ଥାପନ କରାଯାଇ ନାହିଁ ଯାହା ଆଧାରରେ ଆମେ ନିର୍ଣ୍ଣୟ ବଦଳାଇ ପାରିବୁ, କେବଳ ଏହି ମନ୍ତବ୍ୟ ଉପରେ ଯେ, କ୍ଷେତ୍ରିକରଣ ସାଧାରଣତଃ ଅବଲମ୍ବନ କରାଯାଏ ନାହିଁ । କ୍ଷେତ୍ରିକରଣ ପ୍ରଣାଳୀକୁ ପରିତ୍ୟାଗ କରିବା ଏବଂ ଏକରୂପତା ଆଡ଼କୁ ଝୁକିବା ପାଇଁ ଆମେ ବର୍ତ୍ତମାନର ମାମଲାରେ ପ୍ରବର୍ତ୍ତାଇ ଯାଇନାହିଁ ।

ପ୍ରତି ବର୍ଗ ଗଜ ପିଛା 42 ଟଙ୍କା ହାର ଏହି ଆଧାରରେ ଦାବି କରାଯାଏ ଯେ, ପ୍ରାୟ 125 ବର୍ଗ ଗଜ ମାପର ଜମିର ଏକ ଅଂଶ, ଯାହା ଅଧିଗ୍ରହଣ ଜମିର ଏକ ଅଂଶ ଥିଲା, ତାହା ଅଧିଗ୍ରହଣ ପୂର୍ବରୁ, ଜଣେ କ୍ରେତାଙ୍କ ଦ୍ୱାରା ପ୍ରତି ବର୍ଗ ଗଜ ପିଛା 42 ଟଙ୍କା ହାରରେ କିଣାଯାଇଥିଲା ଏବଂ ଏହା ଏକ ସଙ୍କେତ ଥିଲା ଯେ, ଅଧିଗ୍ରହଣ କରାଯାଇଥିବା ଜମିର ମୂଲ୍ୟ ପ୍ରତି ବର୍ଗ ଗଜ ପିଛା 42 ଟଙ୍କା ଥିବ । ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ଯୁକ୍ତିକୁ ଏହି ଦୁଇଟି ମତ ରଖି ପ୍ରତ୍ୟାଖ୍ୟାନ କରିଥିଲେ ଯେ, ପ୍ରଥମତଃ, ସମ୍ପୃକ୍ତ ଜମି ପରିମାଣ ଦୃଷ୍ଟିରୁ ଛୋଟ ଅଟେ ଏବଂ ଦ୍ୱିତୀୟତଃ, ଜି. ଟି. ମାର୍ଗ ଆଡ଼କୁ ମୁହଁ କରି ଏହା ସମ୍ପୂର୍ଣ୍ଣ ଭାବେ ଏକ ଘର ଏବଂ ଏକ ଗୋଦାମ ସହିତ ନିର୍ମିତ ହୋଇଥିଲା । ଆମେ ଏହି ଯୁକ୍ତିକୁ ଯୁକ୍ତିଯୁକ୍ତ ମନେ କରୁ । ଆମକୁ ପ୍ରବର୍ତ୍ତାଇବାରେ ସକ୍ଷମ ନହୋଇ, ଆବେଦନକାରୀଙ୍କ ପ୍ରତ୍ୟେକ ବିଜ୍ଞ ଅଧିବକ୍ତା ଭିନ୍ନ ଭିନ୍ନ ଭାବେ ଦର୍ଶାଇଥିଲେ ଯେ, ଯେଉଁ ଏକମାତ୍ର ଉଦାହରଣକୁ ଉଚ୍ଚ ନ୍ୟାୟାଳୟ ପ୍ରତ୍ୟାଖ୍ୟାନ କରିଥିଲେ, ସେ ପରେ ସେହି ଅଧିସୂଚନା ଅଧୀନରେ ଅଧିଗ୍ରହଣ କରାଯାଉଥିବା ଅନ୍ୟ ଜମି ସମ୍ବନ୍ଧୀୟ ଅନ୍ୟ ଏକ ମାମଲାରେ ଏହା ଉପରେ ନିର୍ଭର କରିଥିଲେ ଏବଂ ପ୍ରତି ବର୍ଗ ଗଜ ପିଛା 42 ଟଙ୍କା ହାର ପ୍ରଦାନ କରିଥିଲେ । ତର୍କକୁ ଗ୍ରହଣ କରିବାରେ ଆମର ଅକ୍ଷମତା ପାଇଁ ଆମେ ଦୁଃଖିତ କାରଣ ଏହାକୁ ସମର୍ଥନ କରିବା ପାଇଁ ନଥିରେ କିଛି ନାହିଁ । ଯେଉଁ ରାୟରେ ଏପରି ଦୃଷ୍ଟିକୋଣ ଗ୍ରହଣ କରାଯାଇଛି ବୋଲି ଦର୍ଶାଯାଇଛି ତାହା ଦାବିଦାରଙ୍କ ଦ୍ୱାରା ନିର୍ଭରଯୋଗ୍ୟ ସାକ୍ଷ୍ୟର ଏକ ଅଂଶ ଭାବରେ ନଥିରେ ଉପସ୍ଥାପନ କରାଯାଇନାହିଁ, ଏବଂ ଅତିରିକ୍ତ ସାକ୍ଷ୍ୟ ଯୋଗ କରିବା ପାଇଁ କୌଣସି ଅନୁମତି ମଗାଯାଇନାହିଁ । ତେଣୁ ଉକ୍ତ ରାୟକୁ ଏକ ପୂର୍ବ ଦୃଷ୍ଟାନ୍ତ ଭାବରେ ବ୍ୟବହାର କରାଯାଇପାରିବ ନାହିଁ, ଏପରିକି ଏହି ନ୍ୟାୟାଳୟକୁ ଏହି ମତ ଗ୍ରହଣ କରିବାକୁ

ପ୍ରବର୍ତ୍ତାଇବା ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ ନାହିଁ ଯେ, ଯଦି ସମାନ ଭାବରେ ନୁହେଁ, ତେବେ ମଧ୍ୟ କ୍ଷେତ୍ର 'A' ପାଇଁ ପ୍ରତି ବର୍ଗ ଗଜ ପିଛା 42 ଟଙ୍କା ହାର ହେବା ଉଚିତ । ଏହି ସମସ୍ତ କାରଣଗୁଡ଼ିକ ସମଷ୍ଟିଗତ ଭାବେ ଏହି ମତ ଆଡ଼କୁ ଅଗ୍ରସର କରେ ଯେ, ଆବେଦନକାରୀଙ୍କ ପାଖରେ ବୃଦ୍ଧି ପାଇଁ କୌଣସି ମାମଲା ନାହିଁ, ଏବଂ ଅଧିଗ୍ରହଣ କରାଯାଇଥିବା ଜମି ପାଇଁ ସେମାନଙ୍କୁ ଯଥେଷ୍ଟ କ୍ଷତିପୂରଣ ଦିଆଯାଇଛି । ତେଣୁ ବର୍ତ୍ତମାନର ମାମଲାରେ କୌଣସି ହସ୍ତକ୍ଷେପର ଆବଶ୍ୟକତା ନାହିଁ ।

ତଦନୁସାରେ ଉପରୋକ୍ତ ଦୃଷ୍ଟିକୋଣ ପାଇଁ, ଆମେ ଆବେଦନଗୁଡ଼ିକ ତଥା ସ୍ୱତନ୍ତ୍ର ଅନୁମତି ଆବେଦନଗୁଡ଼ିକୁ ମଧ୍ୟ ଖାରଜ କରୁଛୁ । ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଅନୁରୋଧରେ 'କନ୍ହେୟା ଲାଲ ବନାମ ହରିୟାଣା ରାଜ୍ୟ' ଶୀର୍ଷକ ଥିବା କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟା ନଥିବା ଏସ୍ ଏଲ୍ ପିରେ ବିଳମ୍ବକୁ କ୍ଷମା କରିବା ପାଇଁ ଆଇ. ଏ. ପ୍ରତ୍ୟାହାର ହୋଇଥିବାରୁ ଖାରଜ ହୋଇଛି । ଏହି ସମସ୍ତ ମାମଲାରେ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଭି. ପି. ଆର୍. ଅପିଲଗୁଡ଼ିକ ଖାରଜ କରାଗଲା ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ